# ସ୍ୱାସ୍ଥ୍ୟ ସେବା ପ୍ରଦାନ ବ୍ୟବସ୍ଥାକୁ ଶୃଂଖଳିତ କରିବା ଲାଗି ୧୪ଟି ସ୍କ୍ୱାଡ ଗଠନ

ଭୁବନେଶ୍ୱର,ମଇ ୨୭,୨୦୧୦

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କୁ ଅଧିକ ଉତ୍ତର ଦାୟୀ କରାଯିବା ଉପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଗୁରୁତ୍ୱ ଆରୋପ କରିଛନ୍ତି । ରୋଗୀ ସେବା କ୍ଷେତ୍ରରେ କୌଣସି ପ୍ରକାର ଅବହେଳା ଯେପରି ନହୁଏ ସେଥି ପ୍ରତି ଧ୍ୟାନ ଦେବାକୁ ସ୍ୱତନ୍ତ୍ର ପରିଦର୍ଶନ ଓ ଯାଞ୍ଚ ବ୍ୟବସ୍ଥା କାର୍ଯ୍ୟକାରୀ କରା ଯିବାକୁ ନିଷ୍ପତ୍ତି ନିଆ ଯାଇଛି । ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଲୋକମାନଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲାଗି ସ୍ୱାସ୍ଥ୍ୟ ଭିତ୍ତି ଭୂମିର ଉନ୍ନୟନ କ୍ଷେତ୍ରରେ ବହୁ ବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ବିଭିନ୍ନ ଡାକ୍ତର୍‌ଖାନାକୁ ଅତ୍ୟାଧୁନିକ ଯନ୍ତ୍ର ପାତି ଓ ପର୍ଯ୍ୟାପ୍ତ ପରିମାଣର ଔଷଧ ଯୋଗାଇ ଦିଆଯାଉଛି । ସାଧାରଣ ଗରିବ ଲୋକମାନେ ଯେପରି ଏହାର ଉପକାର ପାଇ ପାରିବେ ସେଥି ପ୍ରତି ସରକାର ଦୃଷ୍ଟି ଦେଇଛନ୍ତି । ସେବା ପ୍ରଦାନ ବ୍ୟବସ୍ଥାକୁ ଅଧିକ ଶୃଂଖଳିତ କରିବା ଲାଗି ବିଭିନ୍ନ ଡାକ୍ତର୍‌ଖାନାର ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତି , ଯନ୍ତ୍ରପାତିର ଉପଯୋଗ ଏବଂ ଔଷଧ ବଣ୍ଟନ ଆଦିର ତଦାରକ ଲାଗି ରାଜ୍ୟ ସ୍ତରରେ ୧୪ଟି ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ , ସ୍ୱତନ୍ତ୍ର ଶାସନ ସଚିବ ଏବଂ ନିର୍ଦ୍ଦେଶକ ଆଦି ପାହ୍ୟାର ପରିଷ୍ଠ ଅଧିକାରୀ ଗଠିତ ସ୍କ୍ୱାଡର ନେତୃତ୍ୱ ନେବେ । ସେମାନେ ଜିଲ୍ଲା ଗସ୍ତ କାଳରେ ଜିଲ୍ଲାର ସି·ଡି·ଏମ୍·ଓ ବା ଏ·ଡି·ଏମ୍·ଓ ଏବଂ ଏନ୍·ଆର୍·ଏଚ୍·ଏମ୍ ପକ୍ଷରୁ ନିଯୁକ୍ତି ପାଇଥିବା ଡି·ପି·ଏମ୍‌ଙ୍କ ସମେତ ଯଦି ଆବଶ୍ୟକ କରନ୍ତି ଯେ କୌଣସି ଡାକ୍ତରଙ୍କୁ ମଧ୍ୟ ସାଙ୍ଗରେ ନେଇ ସଂପୃକ୍ତ ଜିଲ୍ଲାର ଡାକ୍ତରଖାନାଗୁଡିକୁ ପରିଦର୍ଶନ କରି ଫେରିବାର ଦିନକ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ । ଆସନ୍ତା ମାସରୁ ଗଠିତ ସ୍କ୍ୱାଡ ଗସ୍ତ ଆରମ୍ଭ କରିବେ ।

ଏହି ପରିଦର୍ଶନ କାଳରେ ସ୍କ୍ୱାଡ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ନିୟମିତ ଉପସ୍ଥାନ , ଅନୁପସ୍ଥିତତା ,ସମୟାନୁବର୍ତ୍ତିତା ସଂପର୍କରେ ଦେଖିବା ସହିତ ରୋଗୀ , ସ୍ଥାନୀୟ ଲୋକ , ରୋଗୀଙ୍କ ସହାୟକ ଏବଂ କର୍ମଚାରୀଙ୍କ ସମସ୍ୟା , ଆପତ୍ତି ଅଭିଯୋଗ ଶୁଣିବା ସହିତ ତାର ସମାଧାନ ବ୍ୟବସ୍ଥା କରିବେ । ଉକ୍ତ ଡାକ୍ତର୍‌ଖାନାକୁ ଦୈନିକ ଆସୁଥିବା ରୋଗୀ ସଂଖ୍ୟା , ଯନ୍ତ୍ରପାତିର କାର୍ଯ୍ୟକାରିତା ସଂପର୍କରେ ମଧ୍ୟ ଅନୁଧ୍ୟାନ କରିବେ । ଏତଦ୍‌ବ୍ୟତୀତ ଡାକ୍ତର୍‌ଖାନାକୁ ଯୋଗାଇ ଦିଆ ଯାଇଥିବା ଔଷଧ ରୋଗୀମାନଙ୍କୁ ପ୍ରଦାନ କରାଯାଉଛି କି ନାହିଁ , ଆବଶ୍ୟକ ସ୍ଥଳେ ଜେନେରିକ ମେଡିସିନ ନିଦାନ ଚିଠା ଲେଖୁଛନ୍ତି କି ନାହିଁ ସେ ସଂପର୍କରେ ଅନିୟତ ଅଡିଟ ମଧ୍ୟ କରି ଷ୍ଟୋର୍ ଭେରିଫିକେସନ କରିବେ । ଦୀର୍ଘ ଦିନ ଧରି ଅନୁପସ୍ଥିତ ତଥା ଅନଧିକୃତ ଭାବେ ଅନୁପସ୍ଥିତ ରହି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅବହେଳା ପ୍ରଦର୍ଶନ ସଂପର୍କରେ ତଥ୍ୟ ସଂଗ୍ରହ କରି ଶୃଂଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ କରିବେ । ସଂପୃକ୍ତ ଡାକ୍ତର୍‌ଖାନାର ଉନ୍ନତି ପାଇଁ ନିର୍ଦ୍ଦିଷ୍ଟ ଭାବେ କଣ କଣ କରାଯିବା ଆବଶ୍ୟକ ସେ ନେଇ ସରକାରଙ୍କୁ ଜଣାଇବେ ଏବଂ ସେହି ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

..........